# ଆମ ସାହିତ୍ୟ

## ଦଶମ ଶ୍ରେଣୀ



ପ୍ରକାଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଆମ ସାହିତ୍ୟ

## (ଦଶମ ଶ୍ରେଣୀ)

ପ୍ରକାଶକ

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

## ଆମ ସାହିତ୍ୟ
(ଦଶମ ଶ୍ରେଣୀ)

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ପ୍ରକାଶିତ ଓ ମଞ୍ଜୁରିପ୍ରାପ୍ତ

© ସର୍ବସ୍ୱତ୍ୱ ସଂରକ୍ଷିତ

**ସଂପାଦନା :** ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ (ସମୀକ୍ଷକ)
ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର
ଶ୍ରୀ ଶ୍ୟାମସୁନ୍ଦର ପୁହାଣ

**ସଂଯୋଜନା :** ଡକ୍ଟର ମୀନାକ୍ଷୀ ଦାସ

ପ୍ରଥମ ସଂସ୍କରଣ : ୨୦୦୭ / ୪,୦୦,୦୦୦
ଦ୍ୱିତୀୟ ମୁଦ୍ରଣ : ୨୦୦୮ / ୨,୦୦,୦୦୦
ତୃତୀୟ ମୁଦ୍ରଣ : ୨୦୦୯ / ୫୦,୦୦୦
ଚତୁର୍ଥ ମୁଦ୍ରଣ : ୨୦୧୦ / ୧,୦୦,୦୦୦
ପଞ୍ଚମ ମୁଦ୍ରଣ : ୨୦୧୦ / ୭୫,୦୦୦
ଷଷ୍ଠ ମୁଦ୍ରଣ : ୨୦୧୧ / ୨୦,୦୦୦

**ଟାଇପ୍ ସେଟିଂ :** ଲିପି ଗ୍ରାଫିକ୍ସ, ଶିଖରପୁର, କଟକ

**ମୁଦ୍ରଣ :** ସୁଦର୍ଶନ ସ୍କାନରସ୍
ଶ୍ରୀଗଣେଶ ଅଫସେଟ

**ମୂଲ୍ୟ :** ଟ. ୨୦.୦୦ (କୋଡ଼ିଏ ଟଙ୍କା ମାତ୍ର)

# ପ୍ରସ୍ତାବନା

ମାତୃଭାଷା ଓଡ଼ିଆରେ ଛାତ୍ରଛାତ୍ରୀମାନଙ୍କର ବିଷୟଗତ ଓ ପ୍ରାୟୋଗିକ ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ଜାତୀୟ ପାଠ୍ୟଖସଡ଼ା ୨୦୦୦ ଏବଂ ୨୦୦୫କୁ ଆଧାର କରି ୨୦୦୭-୨୦୦୮ ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ନିମନ୍ତେ'ଆମ ସାହିତ୍ୟ' ବିଶଦ ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଅଛି । ଓଡ଼ିଆ ସାହିତ୍ୟର କ୍ରମବିକାଶ ସଂପର୍କରେ ଅବଗତି, ଶୈକ୍ଷିକ ମୂଲ୍ୟବୋଧର ପ୍ରତିଷ୍ଠା, ବିଭିନ୍ନ ଯୁଗର ପ୍ରତିନିଧିସ୍ଥାନୀୟ କବି ଓ ଲେଖକମାନଙ୍କର କଳାକୃତିକୁ ଏଥିରେ ସ୍ଥାନ ଦିଆଯାଇଛି । ଆଶା, ଏହି ପୁସ୍ତକଟି ଶିକ୍ଷାର୍ଥୀ, ଅଭିଭାବକ ଓ ଓଡ଼ିଆ ବିଷୟ ପଢ଼ାଉଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଆଦୃତ ହେବ ।

ଏହି ପୁସ୍ତକର ସଂପାଦନାମଣ୍ଡଳୀ, ଓଡ଼ିଆ ସିଲାବସ କମିଟି, ପରିଷଦର ବିଷୟ ବିଶେଷଜ୍ଞ ଓ କର୍ତ୍ତବ୍ୟରତ ବିଷୟ-ଶିକ୍ଷକଶିକ୍ଷୟିତ୍ରୀମାନେ ଶ୍ରମସ୍ୱୀକାର ପୂର୍ବକ ପାଣ୍ଡୁଲିପିଟିକୁ ପୁସ୍ତକ ରୂପ ଦେବାରେ ବିଶେଷ ସହଯୋଗ କରିଥିବାରୁ ସମସ୍ତଙ୍କ ନିକଟରେ ପରିଷଦ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି । ଏହି ପୁସ୍ତକର ଉତ୍ତରୋତ୍ତର ଉନ୍ନତିକଳ୍ପେ ବିଜ୍ଞ ପରାମର୍ଶ/ ମତାମତ ମିଳିଲେ ପରବର୍ତ୍ତୀ ସଂସ୍କରଣ ପ୍ରସ୍ତୁତିରେ ଯଥୋଚିତ ଗୁରୁତ୍ୱ ଦିଆଯିବ ।

ସଭାପତି
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ଭୂମିକା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ମାତୃଭାଷା ଓଡ଼ିଆରେ 'ଆମ ସାହିତ୍ୟ' ପାଠ୍ୟପୁସ୍ତକଟି ପ୍ରସ୍ତୁତ କରାଯାଇଅଛି । ଜାତୀୟ ଶିକ୍ଷାନୀତି ସୂଚିତ ଦିଗ୍‌ଦର୍ଶନ, ମାତୃଭାଷା ଶିକ୍ଷାର ଲକ୍ଷ୍ୟ ଓ ମୂଲ୍ୟବୋଧ ଆଧାରିତ ପ୍ରସଙ୍ଗ ଚୟନ କରିବା ସହିତ ଓଡ଼ିଆ ସାହିତ୍ୟର ବିଶିଷ୍ଟ ତଥା ପ୍ରତିନିଧିସ୍ଥାନୀୟ କବି ଓ ଲେଖକମାନଙ୍କର ରଚନାକୁ ଏଥିରେ ସ୍ଥାନ ଦିଆଯାଇଅଛି । ପ୍ରତ୍ୟେକ ପ୍ରସଙ୍ଗରେ ସଂକ୍ଷିପ୍ତ ରୂପେ ଲେଖକ ବା କବି ପରିଚୟ ସହ ଆବଶ୍ୟକ ସୂଚନା ଓ ପ୍ରଶ୍ନାବଳୀ ସଂଯୋଜିତ ହୋଇଅଛି । ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ, ଆବେଗିକ ଓ କଳ୍ପନାଶକ୍ତିର ବିକାଶ ଅର୍ଥେ ସଂପୃକ୍ତ ବିଷୟ-ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଧିକ ପ୍ରଶ୍ନ ପ୍ରସ୍ତୁତ କରି ଅଭ୍ୟାସ କରାଇବାକୁ ଅନୁରୋଧ । ସଂକଳନଟି ସଂପର୍କରେ ବିଜ୍ଞ ପରାମର୍ଶ ମିଳିଲେ ପରବର୍ତ୍ତୀ ସଂସ୍କରଣରେ ପରିଷଦ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତତ୍ପର ହେବ ।

ସଂପାଦନାମଣ୍ଡଳୀ

# ସୂଚୀ

## ପଦ୍ୟବିଭାଗ


| କ୍ର.ନଂ | ପ୍ରସଙ୍ଗ | କବି/ଲେଖକ | ପୃଷ୍ଠା |
|---|---|---|---|
| ୧. | ଯୁଧିଷ୍ଠିରଙ୍କର ଧର୍ମ ପରୀକ୍ଷା | ସାରଳା ଦାସ | ୧ |
| ୨. | ରାମଚରିତ ପ୍ରଦର୍ଶନ | ଉପେନ୍ଦ୍ର ଭଞ୍ଜ | ୭ |
| ୩. | ବଡ଼ପଣ | ରାଧାନାଥ ରାୟ | ୧୭ |
| ୪. | ବୈଶାଖ | ପଦ୍ମଚରଣ ପଟ୍ଟନାୟକ | ୨୨ |
| ୫. | ଛୋଟ ପୁଣି ଏଡ଼େ ସେ ବିରାଟ | ସଚ୍ଚିଦାନନ୍ଦ ରାଉତରାୟ | ୨୭ |
| ୬. | ଗ୍ରାମପଥ | ବିନୋଦ ଚନ୍ଦ୍ର ନାୟକ | ୩୨ |


## ଗଦ୍ୟବିଭାଗ


| | | | |
|---|---|---|---|
| ୭. | ଉଚ୍ଚାଭିଳାଷ | ଶଶିଭୂଷଣ ରାୟ | ୩୮ |
| ୮. | ସେହି ସ୍ମରଣୀୟ ଦିବସ | ଡ.ହରେକୃଷ୍ଣ ମହତାବ | ୪୪ |
| ୯. | ଚିତ୍ରଗ୍ରୀବର ଉଚିତ ଅଭିମାନ | ଗୋଲୋକ ବିହାରୀ ଧଳ | ୫୦ |
| ୧୦. | ବିଦ୍ୟା ଓ ବିଦ୍ୟାର୍ଥୀ | ଚିତ୍ତରଞ୍ଜନ ଦାସ | ୫୫ |
| ୧୧. | ଓଡ଼ିଆ ସାହିତ୍ୟ କଥା (ଆଧୁନିକ ଭାଗ) | ପ୍ରସ୍ତୁତି : ସିଲାବସ୍ କମିଟି | ୬୩ |

# ଭାରତର ସମ୍ବିଧାନ

ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ କରିବାର ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକମାନଙ୍କୁ

ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;

ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମରେ ସ୍ୱାଧୀନତା ;

ଅବସ୍ଥା ଓ ସୁଯୋଗର ସମାନତା ପ୍ରଦାନ କରି ଓ ସେମାନଙ୍କ ମଧ୍ୟରେ ବ୍ୟକ୍ତିର ସମ୍ମାନ ସହ ଭ୍ରାତୃତ୍ୱ ଏବଂ ଦେଶର ଏକତା ଓ ସଂହତି ରକ୍ଷା କରି

ଆମର ଏହି ସମ୍ବିଧାନ ପ୍ରଣୟନ ସଭାରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଏହି ସମ୍ବିଧାନକୁ ପରିଗ୍ରହଣ ଓ ପ୍ରଣୟନ କରି ନିଜଠାରେ ସମର୍ପଣ କଲୁ ।

## ଚତୁର୍ଥ ଅଧ୍ୟାୟ (କ)

୫୧(କ) ଧାରା ମୌଳିକ କର୍ତ୍ତବ୍ୟ–

ଭାରତର ପ୍ରତ୍ୟେକ ନାଗରିକର ନିମ୍ନଲିଖିତ କର୍ତ୍ତବ୍ୟ ହେବ–

(କ) ସମ୍ବିଧାନ ମାନି ଚଳିବା ଓ ଏହାର ଆଦର୍ଶ ଏବଂ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଅନୁଷ୍ଠାନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ;

(ଖ) ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା ;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତିର ସୁରକ୍ଷା କରିବା ;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ପଡ଼ିଲେ ଜାତୀୟ ସେବା ପ୍ରଦାନ କରିବା ;

(ଙ) ଧର୍ମନୈତିକ, ଭାଷାଗତ, ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ଭିନ୍ନତାକୁ ଅତିକ୍ରମ କରି ଭାରତର ସବୁ ଅଧିବାସୀମାନଙ୍କ ମଧ୍ୟରେ ସହମତି ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀମାନଙ୍କର ସମ୍ମାନରେ ଆଞ୍ଚ ଆସିବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ;

(ଚ) ଆମର ବିବିଧ ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ଯଥାର୍ଥ ମୂଲ୍ୟ ଦେବା ଓ ସାଇତି ରଖିବା ;

(ଛ) ଅରଣ୍ୟ, ହ୍ରଦ, ନଦୀ, ପଶୁପକ୍ଷୀ ସମ୍ବଳିତ ପ୍ରାକୃତିକ ପରିବେଷ୍ଟନୀର ସୁରକ୍ଷା ଓ ଉନ୍ନତି କରିବା ଓ ଜୀବମାନଙ୍କ ପ୍ରତି ସଦୟ ହେବା ;

(ଜ) ବୈଜ୍ଞାନିକ ମୂଲ୍ୟବୋଧ, ମାନବିକତା ଓ ଅନୁସନ୍ଧିତ୍ସା ତଥା ସଂସ୍କାର ମନୋଭାବ ଧାରଣ କରିବା ;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ତ୍ୟାଗ କରିବା ;

(ଞ) ପ୍ରତ୍ୟେକ କ୍ଷେତ୍ରରେ ବ୍ୟକ୍ତିଗତ ଓ ସମଷ୍ଟିଗତ ଉତ୍କର୍ଷ ପାଇଁ ଚେଷ୍ଟା କରିବା ଯାହା ଫଳରେ ଦେଶ ସର୍ବଦା ଉଚ୍ଚତର ଚେଷ୍ଟା ଓ କୃତିତ୍ୱ ଦିଗରେ ଆଗେଇ ଯିବ ।

(ଟ) ମାତାପିତା ହୁଅନ୍ତୁ ବା ଅଭିଭାବକ, ସେ ତାଙ୍କର ଛଅବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପ୍ରତିପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇଦେବେ ।

# ଯୁଧିଷ୍ଠିରଙ୍କର ଧର୍ମ ପରୀକ୍ଷା

*ସାରଳା ଦାସ*

*(୧୫ଶ ଶତାବ୍ଦୀ –)*

କବି ପରିଚୟ :

*ପଞ୍ଚଦଶ ଶତାବ୍ଦୀର ମାଟିର ମହାକବି ସାରଳା ଦାସ । ଆଧୁନିକ ଜଗତସିଂହପୁର ଜିଲ୍ଲାର ଝଙ୍କଡ଼ (କନକପୁର) ଗ୍ରାମରେ ତାଙ୍କର ଜନ୍ମ , ସାଧନା ଓ ସିଦ୍ଧି । ସାରଳା ଠାକୁରାଣୀଙ୍କ କୃପାରୁ ତାଙ୍କର କବିତ୍ୱ ସୃଷ୍ଟି । ସିଦ୍ଧେଶ୍ୱର ପରିଡ଼ାରୁ ସେ ହେଲେ ସାରଳା ଦାସ । ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ସେ ଓଡ଼ିଆ ଭାଷାରେ ରଚନା କଲେ ମହାଭାରତ, ଚଣ୍ଡୀ ପୁରାଣ, ରାମାୟଣ ଆଦି ଗ୍ରନ୍ଥ । ଉକ୍ତ କାବ୍ୟାଂଶଟି ମହାଭାରତର 'ସ୍ୱର୍ଗାରୋହଣ ପର୍ବ'ରୁ ଆନୀତ । ଉକ୍ତ କବିତାରେ ଯୁଧିଷ୍ଠିରଙ୍କର ଉଦାର ମାନବିକ ବ୍ୟକ୍ତିତ୍ୱ, ପରାର୍ଥପରାୟଣତା, ଧର୍ମଭାବ ଓ ବ୍ୟକ୍ତି ସ୍ୱାର୍ଥ ପରିବର୍ତ୍ତେ ଅନ୍ୟର ମଙ୍ଗଳ କାମନା ଅଭିବ୍ୟକ୍ତ । ଏହା ଦାଣ୍ଡିବୃତ୍ତରେ ରଚିତ ।*

---

ଯେଥୁ ଅନନ୍ତରେ ବିଲଙ୍କା ଦେଶ ରାଜା
ଅଗସ୍ତିଂକ ପଦ୍ମପାଦେ କଲା ଦିବ୍ୟ ପୂଜା ।
ବସନ କୁଣ୍ଡଳ ଚନ୍ଦନ ପୁଷ୍ପମାଳା ଦେଇ
ଶତ ସହସ୍ର ଦଣ୍ଡ ପ୍ରଣମ୍ୟ ହୋଇ ଶୋଇ ।
ଶୁଣିମା ମୁନି ହେ ଯୁଝେଷ୍ଠି ଦେବଂକ ର ସ୍ୱର୍ଗାରୋହଣ କଥା
କିସ ପ୍ରତିଉତ୍ତର ଦିଲେ ଇନ୍ଦ୍ର ଯେ ଦେବତା ।
ଶୁଣ ହୋ ମହାରାଜା ବଦୟନ୍ତି ଅଗସ୍ତି
ଯୁଝେଷ୍ଠିଂକି କୋଳ କରି ଧଇଲେ ସୁରପତି ।
ବାବୁରେ ପିତା ଆଗ୍ୟାଂ ଦିଲେ ତୁ ଯିବୁରେ ଆକାଶ
ପୁଷ୍ପେକ ବିଂମାନେ ବସି ବେଗେ ଯିବା ଆସ ।
ତ୍ରିଦଶ ଦେବତାୟେ ଯେ ବସିଛନ୍ତି ସ୍ୱର୍ଗେ
ତୋତେ ବାଟ ଚାହିଂଛନ୍ତି ଚାଲଯିବା ବେଗେ ।
ଯୁଝେଷ୍ଠି ବୋଇଲେ ମୁଁ ନାଶ କଲି ସୋଦର
ଯେକା ହୋଇ କେମନ୍ତେ ଯିବଇଂ ଅମର ।
ଇନ୍ଦ୍ର ବୋଇଲେ ବାବୁ ତୋହୋର ସୋଦର ଚାରିଭ୍ରାଥେ
ଦେବ ସଭାୟେ ବସିଛନ୍ତି ସକୁଟୁମ୍ବେ ଶ୍ରୀକୃଷ୍ଣ ସହିତେ ।
ପୁଷ୍ପେକ ବିବାନେ ବିଜେ କରିବା ବିଳମ୍ବ ନ କର ତୁହି
ତୋହୋର ଯିବାକୁ ଯେ ଅଛନ୍ତି ବାଟ ଚାହିଁ ।
ଇନ୍ଦ୍ର ଦେବତା ବଚନେ ଯୁଝେଷ୍ଠି ଉଠିଲେ ଧାଡିକାରେ
ଶୁକ୍ଳାମ୍ବର ଶ୍ୱାନକୁ ଧଇଲେ କୋଳରେ ।
ଇନ୍ଦ୍ର ଦେବତା ବୋଇଲେ ଯେ ଦେଖୁ ଦେଖୁଂ ଶ୍ୱାନ
ଯେତେକ ବସ୍ତ୍ରେ ଛୁଇଂ ତେତେ ବସ୍ତ୍ରେ ସ୍ନାହାନ ।
ଯାତ୍ରା ଯୋଗେ ବୋଇଲେ ଅଯାତ୍ରା ହୋଅଇ
ପାଦରଜ ପଡ଼ନ୍ତେଣ ଅଦେଳକେ ଆଷ୍ୟ ତୁଟଇ ।

ଯୁଧିଷ୍ଠି ଦେବଂକ ମନ ବିଡ଼ିବା ନିମନ୍ତେ
ଜାଣିମାନ ଧର୍ମ ଅଛଇ ଯେହାଂକର କେତେ ।
ଇନ୍ଦ୍ର ଜାଣଇ ସେ ଶ୍ୱାନ ଅଟଇ ଧର୍ମ ସେ ଦେବତା
ଧର୍ମର କଷଣ ନିମନ୍ତେ ଯେସନେକ କଥା ।
ଯୁଧିଷ୍ଠି ଦେବଂକ ମନ'ବିଡ଼ିବା ନିମନ୍ତକୁ
ଅନେକ ଭ୍ରଛନାମାନ ଇନ୍ଦ୍ର ବୋଇଲେ ଶ୍ୱାନକୁ ।
ଯେହି ସେ ଦେବ ବିବାନ ଦେଖ ହୋ ଯୁଧିଷ୍ଠି
ଶ୍ୱାନ ପାମର ଯିବ କେସନେକେ ଯିବ ଉଠି ।
ଯୁଧିଷ୍ଠି ବୋଇଲେ ଦେବ ଶୁଣିମା ମଘବାନ
ବଡ଼ାଇ ମହତ୍ତ୍ୱ ଯେ ଅଟଇ ଦେବଶ୍ୱାନ ।
ଅନେକ ସୋଦର ଥିଲେ ମୋହୋର ସେ ସାହା
ଶେଷ କାଳେ କେହି ନୋହିଲେ ମୋର ବାହା ।
ଯେ ଶ୍ୱାନଗୋଟି ମୋର ରକ୍ଷା କଲା ଧର୍ମ
ମୋହରେ ସଦୟା ଥିଲେ ବିବାନେ ଯେହାକଇଂ ନେମ ।
ବିବାନେ ନ ବସାଇବ ହୋ ଯେବେ ଦେବ ତାତ
ମୋତେ କିମ୍ବା ସ୍ୱର୍ଗ ହୋଇବ ପରାପତ ।
ଯେତେବୋଲି ଶ୍ୱାନକୁ ଧଇଲେ ବେନିଭୁଜେ
ଦେବ ବିବାନ ଉପରେ ଯୁଧିଷ୍ଠି ଦେବ ବିଜେ ।
ଇନ୍ଦ୍ରଦେବତା ଯୁଧିଷ୍ଠିଂକି କଲେ ଅନେକ ପ୍ରଶଂସା
ସଦା ସଦୟେ ତୋହୋର ବାବୁ ଯେସନେକ ମନୀଷା ।
ସତ୍ୟ ପଣେ ସଂସାର ତୁ ଜିଣିଲୁ ସମସ୍ତ
ପାଷାଣେ ନ ଲାଗଇ ଯେହ୍ନେ ଜଳଂକର ଘାତ ।
ଅଭେଦ ସ୍ନେହାରେ ଯେହ୍ନେ ନ ଭେଦଇ ଶର
ଅନେକ ହତ୍ୟା ଦୋଷ ହୋଇଲା ଦୂରାନ୍ତର ।
ଶ୍ରୀକୃଷ୍ଣ ଯେ ଭୂପତିତ ହୋଇଲେ ମେଦିନୀ
ସ୍ୱକାୟେ ସ୍ୱର୍ଗକୁ ଯାଇ ନୁଆରିଲେ ଦେହ ଘେନି ।
ଇନ୍ଦ୍ର ଦେବତା ବୋଇଲେ ଶୁଣ ହୋ ଯୁଧିଷ୍ଠି
ଚିହ୍ନିକି ନୁଆରିଲେ ଯେହି ଶ୍ୱାନ ଗୋଟି ।
ଯୁଧିଷ୍ଠି ବୋଇଲେ ଯେ ମୋହୋର ଚର୍ମ ଚକ୍ଷୁ
ଅନ୍ତର୍ଯାମୀ ନୋହଇ କେହ୍ନେ ଗ୍ୟାନ ଇଛୁ ।
ଇନ୍ଦ୍ର ବୋଇଲେ ଯୁଧିଷ୍ଠି ଯାହା କଇଂ ସୁମରିଲେ ତୋହୋର ମାତ
ନିରାକାର ପୁରୁଷ ଯେ ସେ ଧର୍ମ ଦଇବତ ।
ଶୂନ୍ୟ ମାର୍ଗେ ଶବଦ ଶୁଭଇ ଯାହାର
ଚିହ୍ନ ବର୍ଣ୍ଣ ନ ଦିଶଇ ଯେ ପ୍ରତକ୍ଷେ ନିରାକାର ।

X X X X X X X

ଶୁଦ୍ଧ ସଷ୍ଟିକ ପ୍ରାୟେ ଯାହାର ରୂପ ଗୋଟି
ଯେ ସେ ଧର୍ମ ଦେବତା ଶୁଣ ଗୋ ଯୁଝେଷ୍ଟି ।
ସଞ୍ଚପି କରି ଯହୁଂ କହିଲେ ଦେବରାୟେ
ଶ୍ୱାନରୂପ ତେଜି ସେ ହୋଇଲେ ଅନ୍ତର୍ଧ୍ୟାୟେ ।
ଶୂନ୍ୟେ ଥାଇ ଶବଦେକ ବିକାଶିଲେ ବାଣୀ
ବିବାନ ଆରୋହି ତୁମ୍ଭେ ଚଳ ଏହିକ୍ଷଣି ।
ଶୂନ୍ୟେ ଥାଇ ଶବଦ ଦିଅନ୍ତି ଦେବ ଧର୍ମ
ସତ୍ୟବାଦୀ ଯୁଝେଷ୍ଟି ତୁ ପୁରୁଷଂକ ଉତ୍ତମ ।
ତୁ ହେମବନ୍ତ ପର୍ବତେ ହୋଇଲୁ ଆସି ଯହୁଂ ଯେକା
ତୁ ଦିଗମ୍ବର ହୋଇଲୁ ବାବୁରେ ତୋତେ କେହି ନାହିଂ ସାଖା ।
ଆମ୍ଭେ ଶ୍ୱାନ ରୂପ ଧଇଲୁ ତୋର ଆଗେ
ବିବାନେ ବିଜେ କରି ବେଗେ ଯାଅ ଅମର ସ୍ୱର୍ଗେ ।

ସୂଚନା :

ମହାଭାରତ ମହାକାବ୍ୟର ଅଷ୍ଟାଦଶ ପର୍ବ ମଧ୍ୟରୁ 'ସ୍ୱର୍ଗାରୋହଣ ପର୍ବ' ଅନନ୍ୟ ତଥା ଭାବ ଗମ୍ଭୀର । ଧର୍ମ ଯୁଦ୍ଧରେ ଭାଇ, ଆତ୍ମୀୟ, ଗୁରୁ, ଗୁରୁଜନ ଓ ଅସଂଖ୍ୟ ସୈନ୍ୟ ନିଧନ ଜନିତ ପାପବୋଧରେ ମ୍ରିୟମାଣ ଯୁଧିଷ୍ଠିର ଜୟୀ ହୋଇ ମଧ୍ୟ ଆତ୍ମଗ୍ଲାନିରେ ଜର୍ଜରିତ ହେଲେ । ଅନୁତପ୍ତ ପ୍ରାଣରେ ପ୍ରାଣପ୍ରିୟ ଭ୍ରାତା ଓ ପତ୍ନୀଙ୍କ ସହ ପାର୍ଥିବ ମୋହ ପରିତ୍ୟାଗ କରି ମହାଯାତ୍ରାର ଆୟୋଜନ କଲେ ଓ ହସ୍ତିନାରୁ ବାହାରି ହିମାଳୟ ଦେଇ ସ୍ୱର୍ଗାରୋହଣ କଲେ । ପରିଶେଷରେ ଶୁକ୍ଳାମ୍ବର ଶ୍ୱାନ ସହ ସେହିଁ ଏକମାତ୍ର ଧର୍ମବଳରୁ ସ୍ୱର୍ଗକୁ ଯିବାରେ ସମର୍ଥ ହେଲେ । ଧର୍ମର ପ୍ରମୂର୍ତ୍ତ ପ୍ରତୀକ ଏହି ପୁରାଣ ପୁରୁଷ ଯୁଧିଷ୍ଠିର ପୁଣ୍ୟଶ୍ଳୋକ ରୂପେ ନିତ୍ୟ ଉଚ୍ଚାରିତ ।

ଯେଥୁ ଅନନ୍ତରେ – ଏଥୁ ଅନ୍ତେ, ଏହାପରେ

ବିଲଙ୍କା – ଏକ ଦେଶର ପୌରାଣିକ ନାମ । ଏଠାରେ ମହୀରାବଣ ଓ ତାଙ୍କ ପରେ ବିଲଙ୍କା ରାବଣ ବା ସହସ୍ରାସୁର ରାବଣ ରାଜତ୍ୱ କରୁଥିଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର ସେମାନଙ୍କୁ ମାରିଥିଲେ । ଦ୍ୱାପର ଯୁଗରେ ଏଠାରେ ଜଣେ ଧାର୍ମିକ ରାଜା ଥିଲେ । ସେ ମହର୍ଷି ଅଗସ୍ତିଙ୍କୁ ଯୁଧିଷ୍ଠିରଙ୍କ ସ୍ୱର୍ଗାରୋହଣ ବିଷୟରେ ପଚାରିଛନ୍ତି ।

ଅଗସ୍ତି – ପୁରାଣ ପ୍ରସିଦ୍ଧ ଋଷି, ଯିଏ ଆର୍ଯ୍ୟାବର୍ତ୍ତର ଦକ୍ଷିଣକୁ ପ୍ରଥମେ ଯାତ୍ରା କରି ମାଲବାର ଉପକୂଳରେ ଆଶ୍ରମ ସ୍ଥାପନ କରିବା ସହିତ ପ୍ରଥମ ଥର ପାଇଁ ବୈଦିକ ଧର୍ମ ବିସ୍ତାର କରିଥିଲେ । ସେ ବଶିଷ୍ଠଙ୍କ ବଡ଼ ଭାଇ । ଦକ୍ଷିଣ ଦିଗରେ ଉଜ୍ଜ୍ୱଳ ଅଗସ୍ତି ନକ୍ଷତ୍ର ରୂପେ ବିଦ୍ୟମାନ ।

କୁଣ୍ଡଳ – କର୍ଣ୍ଣ ଅଳଙ୍କାର

ସହସ୍ର – ଏକହଜାର

ଦଣ୍ଡ ପ୍ରଳୟ – ଲୟମାନ

ଶୁଣିମା – ଶୁଣନ୍ତୁ

ଯୁଝେଷ୍ଟି – ଯୁଧିଷ୍ଠିର

ବଦୟନ୍ତି – (ବଦନ୍ତି) କହନ୍ତି

ସୁରପତି – ଇନ୍ଦ୍ର

ପିତା – ଏଠାରେ ବିଧାତା ବା ବ୍ରହ୍ମାଙ୍କୁ ସୂଚାଉଛି ।

ପୁଷ୍ପୋକ - ପୁଷ୍ପକ, ଦେବରାଜ ଇନ୍ଦ୍ରଙ୍କ ଯାନ
ତ୍ରିଦଶ - ଦେବତା, ଏଠାରେ ଏହାର ଅର୍ଥ ସ୍ୱର୍ଗ
ଦେବତାୟେ - ଦେବତାମାନେ
ନାଶକଲି - ହରାଇଲି
ସୋଦର - ଏକ ଗର୍ଭଜାତ ଭ୍ରାତା
ଅମର - ଦେବତା, ଏଠାରେ ସ୍ୱର୍ଗ ରୂପେ ବ୍ୟବହୃତ
ଭ୍ରାଥ - ଭାଇ
ସଭାୟେ - ସଭାରେ
ବିବାନେ - ବିମାନରେ
ଧାଡ଼ିକାରେ - ଅତିଶୀଘ୍ର
ଶୁକ୍ଳାମ୍ବର - ଧଳା ଲୁଗା, ଏଠାରେ ଯୁଧିଷ୍ଠିରଙ୍କ ସହିତ ଯାଉଥିବା ଧଳା ବର୍ଣ୍ଣ ବିଶିଷ୍ଟ କୁକୁର
ଦେଖୁ ଦେଖୁଂ - ଦେଖିବା ମାତ୍ରେ
ବସ୍ର - ବସ୍ତ୍ର
ସ୍ନାହାନ - ସ୍ନାହାନ, ସ୍ନାନ
ବୋଇଲେ - ବୋବାଇଲେ, ଭୁକିଲେ
ଅଯାତ୍ରା - ଅମଙ୍ଗଳ ସୂଚକ ଯାତ୍ରା
ପାଦରଜ - ପାଦଧୂଳି
ପଡ଼ନ୍ତେଣ - ପଡ଼ିବା ଦ୍ୱାରା
ଅବେଳକେ - ଅବେଳରେ
ଆଖ୍ୟ - ଆୟୁଷ
ଧର୍ମର କଷଣ - ଧର୍ମଙ୍କୁ କଷଣ ଦେବା ପାଇଁ
ୟେସନେକ - ଏଭଳି
ଭୁଞ୍ଛନା - ଉର୍ତ୍ସନା, ଗାଳି
ୟେହ୍ନି - ଏହି
ପାମର - ପାପୀ
କେସନେକେ - କିପରି
ମଘବାନ - ଇନ୍ଦ୍ର
ଦେବଶ୍ୱାନ - ଦେବତା ରୂପୀ କୁକୁର
ମୋର ରକ୍ଷା କଲା ଧର୍ମ - ଯାତ୍ରା କାଳରେ ମୋତେ ସାହଚର୍ଯ୍ୟ ଦେଲା
ସଦୟା - ସଦୟ, ଅନୁଗ୍ରହ
ୟେହାକଇଁ - ଏହାକୁ
ନେମ - ନେବ
ଦେବତାତ - ଦେବଶ୍ରେଷ୍ଠ, ଏଠାରେ ଇନ୍ଦ୍ର
ତାତ - ପିତା
ପରାପତ - ପ୍ରାପତ, ଲାଭ
ମନୀଷା - ତୀକ୍ଷଣ ବୁଦ୍ଧି, ପ୍ରଜ୍ଞା, ଗଭୀର ପାଣ୍ଡିତ୍ୟ
ସେହ୍ନା - ସାଞ୍ଜୁ, କବଚ

| | | |
|---|---|---|
| ଦୂରାନ୍ତର | - | ଦୂର ହେବା |
| ଭୂପତିତ | - | ଭୂଇଁରେ ପଡ଼ିବା |
| ସ୍ୱକାୟେ | - | ନିଜ ଦେହରେ |
| ନୁଆରିଲେ | - | ନ ପାରିଲେ, ଜାଣିନ ପାରିଲେ, କହିଲେ |
| ଚକ୍ଷୁ | - | ଚକ୍ଷୁ |
| କେହ୍ନେ | - | କିପରି |
| ଯାହାକଇଂ | - | ଯାହାକୁ |
| ସୁମରିଲେ | - | ସ୍ମରଣ କଲେ |
| ନିରାକାର | - | ଅରୂପ, ଆକାରଶୂନ୍ୟତା |
| ଦଇବତ | - | ଦେବତା |
| ପ୍ରତକ୍ଷେ | - | ପ୍ରତ୍ୟକ୍ଷରେ, ନିଜ ଆଖି ଆଗରେ, ସମ୍ମୁଖରେ |
| ସଷ୍ଟିକ | - | ସ୍ଫଟିକ |
| ସଞ୍ଚପି | - | ସ୍ଥିର କରି |
| ଯହୁଂ | - | ଯେତେବେଳେ |
| ଦେବରାୟେ | - | ଦେବଶ୍ରେଷ୍ଠ, ଇନ୍ଦ୍ର |
| ଅନ୍ତର୍ଧ୍ୟାୟେ | - | ଅନ୍ତର୍ଦ୍ଧାନ, ଅଦୃଶ୍ୟ |
| ଦେବଧର୍ମ | - | ଧର୍ମ ଦେବତା |
| ହେମବନ୍ତ | - | ହିମାଳୟ |
| ଯହୁଂ | - | ଏଠାରେ |
| ୟେକା | - | ଏକା |
| ଦିଗମ୍ବର | - | ସନ୍ନ୍ୟାସୀ, ଅନ୍ୟାର୍ଥ-ଶିବ |
| ସାଙ୍ଗ | - | ସାଥି, ଆଶ୍ରୟ |

## ପ୍ରଶ୍ନାବଳୀ

ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧ ଏହି କବିତାଟି କେଉଁ ବୃତ୍ତରେ ରଚିତ ?

(କ) ଦାଣ୍ଡି, (ଖ) ଚୋଖି, (ଗ) ବିଭାସ କେଦାର, (ଘ) ଗୁଜ୍ଜରୀ

୨. 'ଆକ୍ଷ୍ୟ' ଶବ୍ଦର ଅର୍ଥ କ'ଣ ?

(କ) ଆଶା, (ଖ) ଆଶିଷ, (ଗ) ଆମିଷ, (ଘ) ଆୟୁଷ

୩. 'ଦିଗମ୍ବର' ଶବ୍ଦର ସନ୍ଧିରୂପ କ'ଣ ?

(କ) ଦିଗ+ଅମ୍ବର, (ଖ) ଦିଗ୍+ଅମ୍ବର,

(ଗ) ଦିଗା+ଅମ୍ବର, (ଘ) ଦିକ୍+ଅମ୍ବର

୪. 'ଗ୍ୟାନ' ଶବ୍ଦର ଶୁଦ୍ଧ ରୂପ କ'ଣ ?

(କ) ଗାନ, (ଖ) ଗାୟନ, (ଗ) ଜ୍ଞାନ, (ଘ) ଜ୍ଞାନ

୫. 'କୁଟୁମ୍ବ ସହ' ଯେପରି 'ସକୁଟୁମ୍ବ' ସେହିପରି ଆଉ ପାଞ୍ଚଟି ଶବ୍ଦ ଲେଖ ।

୬. ଶୁକ୍ଳାମ୍ବର - ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

**କ୍ଷୁଦ୍ର ଉତ୍ତରମୂଳକ :**

୭. ଅଗସ୍ତି ମୁନିଙ୍କୁ କିଏ ପୂଜା କଲେ ?

୮. ରାଜା ଅଗସ୍ତି ମୁନିଙ୍କଠାରୁ କ'ଣ ଶୁଣିବାକୁ ନିବେଦନ କଲେ ?

୯. ସୁରପତି ଯୁଧିଷ୍ଠିରଙ୍କୁ କେଉଁଠାକୁ ଯିବା ପାଇଁ କହିଲେ ?

୧୦. ଯୁଧିଷ୍ଠିରଙ୍କ ସ୍ୱର୍ଗ ଯାତ୍ରା ପାଇଁ କେଉଁ ଯାନ କିଏ ପ୍ରସ୍ତୁତ କରିଥିଲେ ?

୧୧. କେଉଁ କାରଣରୁ ଯୁଧିଷ୍ଠିର ସ୍ୱର୍ଗଯାତ୍ରା ପାଇଁ ଅନିଚ୍ଛା ପ୍ରକାଶ କଲେ ?

୧୨. ଯୁଧିଷ୍ଠିର କାହାକୁ ସହଯାତ୍ରୀ କଲେ ଓ କାହିଁକି ?

୧୩. କେଉଁ କାରଣରୁ ଇନ୍ଦ୍ର ଶୁକ୍ଳାମ୍ବର ଶ୍ୱାନକୁ ବିମାନରେ ନେବା ପାଇଁ ବାରଣ କଲେ ?

୧୪. ଶୁକ୍ଳାମ୍ବର ଶ୍ୱାନ ପ୍ରକୃତରେ କିଏ ଥିଲେ ?

୧୫. ଧର୍ମଦେବ ଯୁଧିଷ୍ଠିରଙ୍କୁ କ'ଣ କହିଲେ ?

୧୬. ଯୁଧିଷ୍ଠିର କେଉଁ ପର୍ବତ ଉପରେ ପହଞ୍ଚି ପାରିଥିଲେ ? ସେଠାରେ ତାଙ୍କର ମାନସିକ ଅବସ୍ଥା କ'ଣ ଥିଲା ?

**ପ୍ରସଙ୍ଗ ନିର୍ଦ୍ଦେଶ ପୂର୍ବକ ସରଳାର୍ଥ ଲେଖ ।**

୧୭. ଯୁଝେଷ୍ଟି ବୋଇଲେ ମୁଁ ନାଶ କଲି ସୋଦର,
ଯେକା ହୋଇ କେମନ୍ତେ ଯିବଇଂ ଅମର ।

୧୮. ଯାତ୍ରାଯୋଗେ ବୋଇଲେ ଅଯାତ୍ରା ହୋଅଇ,
ପାଦ ରଜ ପଡ଼ନ୍ତେଣ ଅବେଳକେ ଆଷ୍ୟ ତୁଟଇ ।

୧୯. ଯୁଝେଷ୍ଟି ବୋଇଲେ ଦେବ ଶୁଣିମା ମଘବାନ,
ବଡ଼ାଇ ମହତ୍ତ୍ୱ ଏ ଅଟଇ ଦେବଶ୍ୱାନ ।

୨୦. ସତ୍ୟପଣେ ସଂସାରତୁ ଜିଣିଲୁ ସମସ୍ତ,
ପାଷାଣେ ନ ଲାଗଇ ଯେହ୍ନେ ଜଳଂକର ଘାତ ।

୨୧. ଶୂନ୍ୟମାର୍ଗେ ଶବଦ ଶୁଭଇ ଯାହାର,
ଚିହ୍ନ ବର୍ଣ୍ଣ ନ ଦିଶଇ ଯେ ପ୍ରତକ୍ଷେ ନିରାକାର ।

**ଦୀର୍ଘ ଉତ୍ତରମୂଳକ :**

୨୨. ସାରଳା ଦାସଙ୍କ କବିତ୍ୱ ପଠିତ କବିତାଂଶକୁ ଅବଲମ୍ବନ କରି ବିଚାର କର ।

୨୩. ପଠିତ କବିତାଂଶରୁ ଯୁଧିଷ୍ଠିରଙ୍କର ଚରିତ୍ର ଚିତ୍ରଣ କର ।

୨୪. ଯୁଧିଷ୍ଠିରଙ୍କ ଧର୍ମ ପରୀକ୍ଷା ବିଷୟରେ ପଠିତ କବିତା ଭିତ୍ତିରେ ଲେଖ ।

**ତୁମପାଇଁ କାମ :**

୨୫. ସାରଳା ମହାଭାରତର କାହାଣୀ ଜାଣିବାକୁ ଚେଷ୍ଟା କର ।

୨୬. ବିଦ୍ୟାଳୟ ବା ସାଧାରଣ ପାଠାଗାରରୁ ସାରଳା ମହାଭାରତ ନେଇ ପଢ଼ ।

୨୭. ଶିକ୍ଷକଙ୍କ ସହ ସମ୍ଭବ ହେଲେ ସାରଳାଙ୍କ ଜନ୍ମପୀଠ ଦର୍ଶନ କରିବାକୁ ଯାଅ ।

୨୮. ବିଦ୍ୟାଳୟରେ ସାରଳା ଦାସଙ୍କ ଉପରେ ଆଲୋଚନା ସଭାର ଆୟୋଜନ କର ।

●